# Akashvani, Sambalpur

## SAMBALPURI NEWS BULLETIN

### 14 December 2024- 6.47- 6.52 am.

*********************************************

ମୁଖ୍ୟ ଶାସନ୍ ସଚିବ ସମ୍ମିଳନୀ       ପି.ଆଇ.ବି.

ନୂଆଦିଲ୍ଲୀ ନ ଦେଶର୍ ମୁଖ୍ୟ ଶାସନ୍ ସଚିବ ମାନ୍‌କର୍ ୪ ନମ୍ବର୍ ଜାତୀୟ ସମ୍ମିଳନୀ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଆର୍ ଆଏବା କାଏଲ୍ ହେବାର୍‌କେ ଥିବା ଇ ସମ୍ମିଳନୀଥି ରାଜ୍ୟ ମାନ୍‌କର୍ ମୁଖ୍ୟ ଶାସନ୍ ସଚିବ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ବରିଷ୍ଠ ପଦାଧିକାରୀ ଆର୍ ବିଶେଷଜ୍ଞମାନେ ଯୋଗ୍ ଦେବେ । ଇ ସମ୍ମିଳନୀଥି ଉଦ୍ୟୋଗ ବିକାଶ୍, ଦକ୍ଷତା ବୃଦ୍ଧି ଆର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ଉପ୍‌ରେ ବିଶେଷ୍ ଧ୍ୟାନ୍ ଦିଆଯିବା ।

ନର୍ସିଂ କଲେଜ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ କୋରାପୁଟ୍, ବଲାଙ୍ଗିର୍, ପୁରୀ, ବାଲେଶ୍ୱର୍, ଯାଜ୍‌ପୁର୍, ଅନୁଗୁଲ୍ ଆର୍ ମୟୁର୍‌ଭଞ୍ଜ୍ ନ ନର୍ସିଂ କଲେଜ୍

ଖୁଲ୍‌ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଇସବୁ ନର୍ସିଂ କଲେଜ୍‌ର ଶିଳାନ୍ୟାସ୍ କର୍‌ବେ । ଫି’ କଲେଜ୍ ଲାଗି ୧୦ କୋଟି କରି ମୋଟ୍ ୭୦ କୋଟି ଟଙ୍କାର୍ ବଜେଟ୍‌ଥି ବ୍ୟବସ୍ଥା କରାଯାଇଛେ । ଇ ସବୁ କଲେଜ୍ ମାନ୍‌କେ ଫି’ ବଛର୍ ୬୦ ଝନ୍ ଲେଖା ଛାତ୍ରଛାତ୍ରୀ ନାଁଲେଖାବାର୍ ସୁଯୋଗ୍ ପାଏବେ । ଆଉ ଇସବୁ କଲେଜ୍‌ନୁ ଫି’ ବଛର୍ ୪ ଶହ ୨୦ ଝନ୍ ଛାତ୍ରଛାତ୍ରୀ ପାସ୍ କର୍‌ବେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ନାରୀ ଶକ୍ତି ହେଉଛେ ଶକ୍ତି, ନମ୍ରତା ଆର୍ ଆଶାର ପ୍ରତୀକ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍ ନୂଆଦିଲ୍ଲୀଠାନେ ୟୁଜିସିର ଗୁଟେ କର୍ମଶାଳାକେ ଉଦ୍‌ଘାଟନ୍ କରିକରି କହିଛନ୍ । ‘ମହିଳା ନେତୃତ୍ୱ: ୨୦୪୭ ତକ୍ ଭାରତ୍‌କେ ବିକଶିତ୍ କର୍‌ବାର୍ ଲାଗି ଏକାଡେମିକ୍ ଉତ୍କର୍ଷତା’ ବିଷେ ଉପ୍‌ରେ ହେଇଥିବା ଇ କାର୍ଯ୍ୟକ୍ରମ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଥିଲେ ଯେ, ଭାରତର୍ ସଭ୍ୟତାଥି ମହିଳାମାନ୍‌କୁ ସମ୍ମାନ୍ ଦେବାର୍ ଆଉ ସେମାନ୍‌କର୍ ସାଙ୍ଗେ ଭଲ୍ ବେଭାର୍ କର୍‌ବାର୍ ମୂଲ୍ୟବୋଧ ରହିଛେ । ଶିକ୍ଷାର୍ ଫି’ ସ୍ତର୍ ନ ମହିଳା ସଶକ୍ତିକରଣ୍ ଉପ୍‌ରେ

ଶିକ୍ଷାନୀତିର୍ ପରିକଳ୍ପନା କରାଯାଇଛେ । ଶିକ୍ଷାକ୍ଷେତ୍ରଥି ମହିଲାମାନେ ଆଗ୍‌କେ ବଢୁଛନ୍ ଆଉ ସେମାନ୍‌କର୍ ନେତୃତ୍ୱକେ ଆଗ୍‌କେ ନେବାର୍ ଦିଗେ କର୍ମଶାଳା ଜରିଆ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ ।

ପୂର୍ବୋଦୟ ଯୋଜ୍‌ନା- ଆନ୍ତର୍ଜାତିକ୍ ସମ୍ମିଲନୀ/ଆର୍‌ଏନ୍‌ୟୁ ସମ୍ବଲପୁର

ପୂର୍ବୋଦୟ ଯୋଜ୍‌ନା ଉପ୍‌ରେ ଆଏଜ୍‌ଠାନୁ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଲନୀ ମୁଲ୍ ହେବା । ଭାରତ୍‌ର ସାମୁଦ୍ରିକ୍ ଐତିହ୍ୟର୍ ପୁନରୁଦ୍ଧାର୍, ଦୃଷ୍ଟିକୋଣ, ସମ୍ଭାବନା ଆର୍ ପୂର୍ବାନୁମାନ୍ ବିଷେ ନେଇକରି ସମ୍ମିଲନୀର୍ ଇ ୨ ନମ୍ବର୍ ସଂସ୍କରଣ୍ ଅନୁଷ୍ଠିତ୍ ହେବା ବଲି ଜନାପଡ଼ିଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ବୈଦେଶିକ୍ ବ୍ୟାପାର୍ ସଚିବ ଜୟଦୀପ୍ ମଜୁମଦାର୍, ରାଜ୍ୟ ଉନ୍ନୟନ୍ କମିଶନର୍ ଅନୁଗର୍ଗ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ନିକୁଞ୍ଜନ ବିହାରୀ ଧଲଙ୍କର୍ ବାଗିର୍ ସିଆନ୍ ସୁଜନ୍‌ମାନେ ଭାଗ୍ ନେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଶକ୍ତି ସଂରକ୍ଷଣ୍ ଦିବସ     ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଶକ୍ତି ସଂରକ୍ଷଣ୍ ଦିବସ୍ । ଶକ୍ତି ସଂରକ୍ଷଣ୍ ଆର୍ ତାର୍ ବେଭାର୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଆଝିର୍ ଦିନ ପାଲନ୍‌ର ମୁଲ୍ ଉଦ୍ଦେଶ୍ ଆଏ । ବିଜ୍‌ଲିର୍ ଠିକ୍ ବେଭାର୍ ଆର୍ ପରିଚାଲନା- ଶକ୍ତି ସଂରକ୍ଷଣ୍ ସହେତେ ପରିବେଶ୍‌କେ ସୁରକ୍ଷିତ୍ କର୍‌ସି । ଶକ୍ତିକେ ବଁଚାବାର୍ ଲାଗି ସର୍‌କାରୀ ଆର୍ ବେସର୍‌କାରୀ ସ୍ତର୍‌ଥି ବହୁତ୍ ଚେରେଷ୍ଟା ଚାଲିଛେ ଆର୍ ସୌରଶକ୍ତିକେ ଗୁରୁତ୍ୱ ଦିଆଯାଉଛେ । ଲୋକ୍‌ମାନ୍‌କର୍ ଭିତ୍‌ରେ ବିଜ୍‌ଲି ବଁଚାବାର୍ ଲାଗି ସଚେତନ୍ ସୃଷ୍ଟି କରାଯାଉଛେ ।

ଜିଲ୍ଲା ଯୁବ ଉତ୍ସବ୍-ସମ୍ବଲ୍‌ପୁର୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତପସ୍ୱିନୀ ହଲ୍ ଠାନେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ ଗଲାକାଏଲ୍ ଅନୁଷ୍ଠିତ୍ ହେଇଥିଲା । ଇଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗାନୁ ଶହେ ୭୫ ଝନ୍ ପ୍ରତିଯୋଗୀ ଲୋକଗୀତ ଆର୍ ନୃତ୍ୟ, କବିତା ଲିଖନ୍ ବାଗିର୍ ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । ଉତ୍ସବ୍‌କେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଉଦ୍‌ଘାଟନ୍ କରିଥିଲେ । କୁଚିଣ୍ଡା

ଏନ୍ଏସି ଦଲ୍ - ଦଳଗତ ଲୋକସଂଗୀତ୍ ଆଉ ଦଳଗତ ଲୋକନୃତ୍ୟଥି ପହେଲା ଠାନ୍ ହାସଲ୍ କରିଥିଲେ ।

ପିଏମ୍ କିଷାନ୍ ସମିଆ ବୃଦ୍ଧି ଆର୍ଏନ୍ୟୁ / ସମ୍ବଲପୁର

ପିଏମ୍ କିଷାନ୍ ଯୋଜ୍ନାର୍ ସ୍ୱତନ୍ତ୍ର ଅବଧିକେ ଆଏବା ୩୧ ତାରିଖ୍ତକ୍ ବଢ଼ାଯାଇଛେ । ଗାଁ ଆଉ ସହରର୍ ଛୋଟ୍, ନାମମାତ୍ର, ମଧ୍ଯମ୍ ଆଉ ବଡ଼ ଚାଷୀ ଇ ପ୍ରକ୍ରିୟାଥି ସାମିଲ୍ ହେଇପାର୍ବେ । ପିଏମ୍ କିଷାନ୍ ଯୋଜ୍ନାର୍ ଲାଗି ନିଜର୍ ବେଙ୍କ୍ ଏକାଉଂଟ୍ ସହେତେ ଏନ୍ପିସିଆଇ ଅଧୀନ୍ର ଆଧାର୍ଥି ସଂଯୋଗ୍ କର୍ବାର୍ ଆଉ ଜମି ଜମା ବାବ୍ଦର୍ ତଥ୍ୟ କୃଷକ୍ ଓଡ଼ିଶା ପୋର୍ଟାଲ୍ଥି ଅପ୍ଡେଟ୍ କର୍ବାର୍ ସହେତେ ପିଏମ୍ କିଷାନ୍ ପୋର୍ଟାଲ୍ଥି ନିଜର୍ ଇ-କେଓ୍ୱାଇସି ପୁରା କର୍ବାର୍ ଲାଗି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଆର୍ଏନ୍ୟୁ / ସମ୍ବଲପୁର

ସ୍ମାର୍ଟ ଇଣ୍ଡିଆ ହାକାଥନ୍ର ୭ ନମ୍ବର୍ ସଂସ୍କରଣ୍ର ଫାଇନାଲ୍ ଶେଷ୍ ହେଇଛେ । କାର୍ଯ୍ୟକ୍ରମ୍ର ନୋଡ଼ାଲ୍ ଏଜେନ୍ସି ଆଇଆଇଟି

ଭୁବ୍‌ନେଶ୍ୱର୍ ତର୍ଫୁ ଇ ହାକାଥନ୍ ଆୟୋଜନ୍ କରାଯାଇଥିଲା । ଉଦ୍‌ଯାପନୀ ସମାରୋହ ନ ଶ୍ରେଷ୍ଠ ପ୍ରଦର୍ଶନ୍‌କାରୀ ଟିମ୍‌ମାନ୍‌କୁ ୧ ଲାଖ୍ ଟଙ୍କା ଲେଖେଁ ନଗଦ୍ ଟଙ୍କା ପୁରସ୍କାର୍ ଦିଆଯାଇଥିଲା । ୨୬ ଟା ଟିମ୍‌ଥି ଶହେ ୮୦ ଝନ୍ ଛାତ୍ରଛାତ୍ରୀ ଇ ହାକାଥନ୍‌ଥି ସାମିଲ୍ ହେଇଥିଲେ ।

ଡେବ୍ରିଗଡ଼୍ ଅଭିଯାତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍‌ର ଡେବ୍ରିଗଡ଼୍ ଅଭୟାରଣ୍ୟ ନ ଜଙ୍ଗଲ୍ ବିଭାଗ୍ ତର୍ଫୁ ପରିବେଶ୍ ସୁରକ୍ଷା ଆଉ ପ୍ରକୃତି ସଂରକ୍ଷଣ୍ ଦିଗେ ଲୁକ୍‌କର୍ ଭିତ୍‌ରେ ଅନୁକୂଲ୍ ମନୋଭାବ ସୃଷ୍ଟି ଲାଗି ସ୍ୱତନ୍ତ୍ର ଅଭିଯାନ୍ ମୁଲ୍ ହେଇଛେ । ମାସେତକ୍ ଚାଲ୍‌ବାର୍‌କେ ଥିବାର୍ ଇ ଅଭିଯାନ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ୭୦ ଝନ୍ ଅଭିଯାତ୍ରୀ ସାମିଲ୍ ହେଇଛନ୍ । ଇମାନେ ଅଭୟାରଣ୍ୟର୍ ସବୁନୁ ବଡ଼୍ ଗିରିଶୃଙ୍ଗ ନ ପୁହୁଁଚିବାର୍ ସହେତେ ହୀରାକୁଦ୍‌ର କେଟେଲ୍ ଦ୍ୱୀପ ଭିଲ୍ ପରିଭ୍ରମଣ୍ କର୍‌ବେ ।

ପୁଲିସ୍ ମାଜିଷ୍ଟ୍ରେଟ୍ ବୈଠକ୍ ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍ସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷ ଠାନେ ପୁଲିସ୍ ଆଉ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ୍ ହେଇଯାଇଛେ । ଇନ ଜିଲ୍ଲାର୍ ଥାନାମାନ୍କର୍ ମାମ୍ଲା ବାବ୍ଦେ ସମୀକ୍ଷା କରାଯାଇଥିଲା । ମହିଳା ଆଉ ଛୁଆମାନ୍କର୍ ବିରୋଧ୍ ନ ହେଉଥିବାର୍ କେନ୍ସି ଭିଲ୍ ଅପରାଧ୍ ଠିକ୍ଠାକ୍ ତର୍ଜମା କରିକରି ଦର୍କାରୀ ପଦକ୍ଷେପ୍ ନେବାର୍ ଉପ୍ରେ ବୈଠକ୍ଥି ଜୋର୍ ଦିଆଯାଇଥିଲା । ବୈଠକ୍ ନ ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍ୱଣେ ଆର୍ ଏସ୍.ପି. ସ୍ମିଥ୍ ପି. ପର୍ମାର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଶୀତର୍ ପ୍ରକୋପ୍ ଜାରି ରହିଛେ । ଗଲାକାଏଲ୍ ରାଉର୍କେଲା ନ ସବୁଠାନୁ କମ୍ ୮ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ତାତି ରେକର୍ଡ଼ କରାଯାଇଥିଲା । ୨୬ ଟା ସହରେ ତାତି ୧୫ ଡିଗ୍ରୀ ସେଲ୍ସିଅସ୍ନୁ ତଲେ ରହିଥିଲା । ଆଏବା ସୋମ୍ବାର୍ତକ୍ ତାତି ଆହୁରି କମ୍ବା ବଲି ଅନୁମାନ୍ କରାଯାଉଛେ । ଖାସ୍ କରି ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବୌଦ୍ଧ,

କେନ୍ଦୁଝର, କଲାହାଣ୍ଡି, ବଲାଙ୍ଗିର୍ ଜିଲ୍ଲା ନ ଶୀତ୍ ବଢ଼୍ବା ବଲି ପାଣିପାଗ୍ ବିଭାଗ୍ ତରଫୁ ଅନୁମାନ୍ କରାଯାଇଛେ ।